# ଡାକ୍ତର ଛୁଟିରେ ଗଲେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

- ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ
- ଇଏନ୍‌ଟି ବିଭାଗରେ ଜଣେ ଡାକ୍ତର
- ଜିଲା ବାହାରକୁ ଯାଉଛନ୍ତି ରୋଗୀ

ରାୟଗଡା, ୧୩।୨ (ଭାଗ୍ୟଶ୍ରୀ ମିଶ୍ର)


ଓପିଡି ସମ୍ମୁଖରେ ଡାକ୍ତରଙ୍କ ଅପେକ୍ଷାରେ ବସିଥିବା ରୋଗୀ।

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ବହୁ ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ସୁଧୁରୁନି ଜିଲାର ସ୍ୱାସ୍ଥ୍ୟସେବା । ଏପରିକି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଥିବାରୁ ଲୋକେ ଉଚିତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର କର୍ଣ୍ଣ, ନାସା, ଗଳା (ଇଏନ୍‌ଟି) ବିଭାଗର ଡାକ୍ତରଙ୍କ ପରାମର୍ଶ ପାଇଁ ପ୍ରତିଦିନ ରୋଗୀଙ୍କ ଲମ୍ବା ଲାଇନ ଲାଗୁଥିଲେ ମଧ୍ୟ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ରୋଗୀମାନେ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ଇଏନଟି ବିଭାଗରେ ଜଣେ ଡାକ୍ତର ନିଯୁକ୍ତ ରହିଛନ୍ତି। ତେବେ ଅନେକ ସମୟରେ ଡାକ୍ତର ଜଣକ ଭିନ୍ନକ୍ଷମଙ୍କ କ୍ୟାମ୍ପରେ ଗ୍ରାମାଞ୍ଚଳକୁ ଗଲେ, ଜରୁରୀ ବୈଠକ, ଅପରେଶନ ଆଦି ପାଇଁ ବ୍ୟସ୍ତ ରହିଲେ କିମ୍ବା ଛୁଟିରେ ଗଲେ ଓପିଡିରେ ରୋଗୀଙ୍କୁ ଦେଖିବାକୁ କେହିନାହାନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ ନ ଦେଖାଇପାରି ବାରମ୍ବାର ଫେରିକି ଯାଉଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ବିଭାଗରେ ଅଧିକ ଡାକ୍ତର ନିଯୁକ୍ତି ପାଇଁ ସାଧାରଣରେ ଦାବି ହୋଇଛି ।

ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଭରସା କରି ଜିଲାର ଦୁର୍ଗମ ଅଞ୍ଚଳରୁ ଲୋକେ ଦୂର ଦୂରାନ୍ତରୁ ଆସୁଥିବାବେଳେ ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଯୋଗୁ ରୋଗୀ ନିରାଶ ହେଉଥିବା ପ୍ରକାଶ କରିଛନ୍ତି। ବେଦାନ୍ତରେ ଚାକିରି କରୁଥିବା ରାୟଗଡା ନିବାସୀ ରାହୁଲ ନାମକ ବ୍ୟକ୍ତିଙ୍କ ଗୋଟେ କାନକୁ ୭୦% ଶୁଣାଯାଏ ନାହିଁ । ନିଜର ଆଇଡି ଯୁଡ଼ି କାର୍ଡ କରିବାକୁ ଡାକ୍ତରଙ୍କ ସହ ପରାମର୍ଶ ପାଇଁ ସେ ପ୍ରାୟ ୧ ସପ୍ତାହ ହେଲା ମେଡିକାଲ ଦୌଡୁଛନ୍ତି, ହେଲେ ଡାକ୍ତରଙ୍କ ସହ ତାଙ୍କର ଯୋଗାଯୋଗ ହେଉନାହିଁ। ସେ ପ୍ରତିଦିନ ଓପିଡିରେ ଲାଇନ ଲଗାଇ ଅପେକ୍ଷା କରୁଥିଲେ ମଧ୍ୟ ନିରାଶ ହୋଇ ଘରକୁ ଫେରୁଥିବା ଅଭିଯୋଗ କରିଛନ୍ତି। ସେହିପରି କଲ୍ୟାଣସିଂପୁର ବ୍ଲକରୁ ପ୍ରସାଦ ନାମକ ବ୍ୟକ୍ତି କହିଛନ୍ତି, ରାୟଗଡା ସହରରେ ଏକମାତ୍ର ମେଡିକାଲରେ ମାଗଣା ଇଏନଟି ବିଭାଗ ରହିଥିବାରୁ ଗତ ୩ ଦିନ ହେଲା ମୋର ଛୋଟ ଝିଅକୁ ନେଇ ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଛି। ହେଲେ ଡାକ୍ତରଙ୍କ ସହ ଦେଖା ହୋଇପାରୁନି । ଯଦି ଡାକ୍ତର ଅନ୍ୟ କାମରେ ବ୍ୟସ୍ତ ରହୁଛନ୍ତି, ତେବେ କାଉଣ୍ଟରରେ ରୋଗୀଙ୍କୁ କାହିଁକି ଓପିଡି ଟିକେଟ ଦିଆଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଜେକେପୁର, କୁମ୍ଭାରପୁଟ, କାଶୀପୁର, ରାୟଗଡା ସଦର ସହ ୧୧ ବ୍ଲକରୁ ଅନେକ ରୋଗୀ ଆସୁଥିଲେ ମଧ୍ୟ ଡାକ୍ତରଙ୍କୁ ପରାମର୍ଶ କରି ନ ପାରି ଫେରୁଥିବା ଅଭିଯୋଗ ହେଉଛି। ଫଳରେ ବାଧ୍ୟ ହୋଇ ଅନେକ ରୋଗୀ ବାହାର ଜିଲାକୁ ଯାଉଥିବାବେଳେ କେତେକ ଗରିବ ଶ୍ରେଣୀର ରୋଗୀ ବାଧ୍ୟ ହୋଇ ଘରକୁ ଫେରି ଆସୁଥିବା ଦେଖିବାକୁ ମିଳିଛି। ଏ ନେଇ ମେଡିକାଲ ମ୍ୟାନେଜର ସୌମ୍ୟ ରଞ୍ଜନ ସାହୁ କହିଛନ୍ତି, ରାଜ୍ୟ ପକ୍ଷରୁ ଚାଲିଥିବା ଆଭାସୀ ବୈଠକରେ ଇଏନ୍‌ଟି ବିଭାଗ ଡାକ୍ତର ଯୋଗ ଦେଇଥିବାରୁ ରୋଗୀ ଦେଖି ପାରୁନାହାନ୍ତି। ମେଡିକାଲ ପକ୍ଷରୁ ଜଣେ ଡାକ୍ତର କୌଣସି କାମରେ ରହିଲେ ଅନ୍ୟ କେହି ରୋଗୀଙ୍କୁ ଦେଖିବାର ବ୍ୟବସ୍ଥା କରାଯାଇ ନାହିଁ। ମେଡିକାଲର ସମସ୍ୟା ସମ୍ପର୍କରେ ସିଡିଏମଓ ଡାକ୍ତର ଲାଲ ମୋହନ ରାଉତରାୟଙ୍କୁ ପଚାରିବାରୁ ଭିନ୍ନକ୍ଷମ କ୍ୟାମ୍ପ ଏବଂ ଅନ୍ୟାନ୍ୟ କାମ ପାଇଁ ଡାକ୍ତର ଅନୁପସ୍ଥିତ ରହୁଥିବେ। କ୍ୟାମ୍ପ ସରିଗଲେ ଏତେ ଅସୁବିଧା ହେବନି। ମେଡିକାଲ ଡାକ୍ତର ଆବଶ୍ୟକତା ଏବଂ ଖାଲି ପଦବୀ ପୂରଣ ପାଇଁ ପ୍ରତି ମାସରେ ସରକାରଙ୍କୁ କୁହାଯାଉଛି । ସରକାରଙ୍କ ପକ୍ଷରୁ ଇନଏଟି ବିଭାଗରେ ଜଣେ ଡାକ୍ତର ଅନୁମୋଦନ କରିଛନ୍ତି, ଏଠାରେ ଅଧିକ ସଂଖ୍ୟକ ଡାକ୍ତର ଆବଶ୍ୟକତା ଅଛି ବୋଲି ଆମେ ସ୍ୱାସ୍ଥ୍ୟ ବିଭାଗକୁ ପ୍ରସ୍ତାବ ଦେଉଛୁ ବୋଲି ସେ କହିଛନ୍ତି ।

## ଗଛରେ ପିଟିହେଲା ବାଇକ୍, ବିଟେକ୍ ଛାତ୍ର ମୃତ

ଗୁଣୁପୁର, ୧୩।୨ (ପ୍ରଦୀପ କୁମାର ପାଢ଼ୀ)



ରାୟଗଡା ଜିଲା ଗୁଣପୁର ଥାନା ଅନ୍ତର୍ଗତ ସୁଭଦ୍ରାପୁର ନିକଟରେ ଗୁରୁବାର ସନ୍ଧ୍ୟା ୬ଟାରେ ବାଇକ୍ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସୁଭଦ୍ରାପୁର ମୁଖ୍ୟ ରାସ୍ତା କଡରେ ଥିବା ଏକ ଗଛରେ ବାଇକ୍ ପିଟି ହେବାରୁ ଘଟଣାସ୍ଥଳରେ ବିଟେକ ଛାତ୍ର ପରେଶ ପାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳରେ ବୋଲି ସୂଚନା ରହିଛି। ପରେଶ ଗୁଣପୁର ଗାନ୍ଧୀ ଯାନ୍ତ୍ରିକ ବିଶ୍ୱ ବିଦ୍ୟାଳୟର ବିଟେକ୍ କମ୍ପ୍ୟୁଟର ସାଇନ୍ସ ବିଭାଗର ଶେଷ ବର୍ଷର ଛାତ୍ର ରହିଥିବା ଜଣାପଡ଼ିଛି। ପରେଶ ବିଶ୍ୱ ବିଦ୍ୟାଳୟରେ ପ୍ରୋଜେକ୍ଟ ଦାଖଲ କରି ନିଜ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଇଥିଲେ। ଘଟଣାସ୍ଥଳରେ ଗୁଣପୁର ପୋଲିସ ପହଞ୍ଚି ଜବତ କରି ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## ପୂର୍ତ୍ତ ବିଭାଗର ପାତରଅନ୍ତର ନୀତି ପ୍ରତିବାଦରେ ଦାବିପତ୍ର


ଆସୋସିଏଶନ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ରାୟଗଡ଼ା, ୧୩।୨ (ଆଶିଷ ରଞ୍ଜନ ପଣ୍ଡା)

**ଲାଇସେନ୍ସ ଥିବା ଠିକାଦାରଙ୍କୁ ମିଳୁନି କାମ, ତଦନ୍ତ ଦାବି**

ରାୟଗଡ଼ା ଜିଲାରେ ରହିଥିବା ପୂର୍ତ୍ତ ବିଭାଗ ଲାଇସେନ୍ସ ଥିବା ଯୋଗ୍ୟ ଠିକାଦାରଙ୍କୁ କାମ ଦେଉ ନ ଥିବା ଏବଂ ନିଜ ମନମୁଖୀ ଶାସନ ଚଳାଇଥିବା ଅଭିଯୋଗ ହୋଇଛି । ପୂର୍ତ୍ତ ବିଭାଗର ପାତରଅନ୍ତର ନୀତି ପ୍ରତିବାଦରେ ଶହୀଦ ଲକ୍ଷ୍ମଣ ନାୟକ ସ୍ପୋର୍ଟସ ଆଣ୍ଡ କଲଚରାଲ ଆସୋସିଏଶନ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲାପାଳ ପାରୁଲ ପଟାଓ୍ୱରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର ଦାବିପତ୍ର ଗ୍ରହଣ କରିବା ସହିତ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଆସୋସିଏଶନର ଅଭିଯୋଗ ଅନୁସାରେ ଜିଲାରେ ବହୁ ଯୁବକ ଡିପ୍ଲୋମା ଓ ଗ୍ରାଜୁଏଟ ଇଞ୍ଜିନିୟରିଂ କରି ଠିକାଦାର ଲାଇସେନ୍ସ ମଧ୍ୟ କରିଛନ୍ତି। ହେଲେ ପୂର୍ତ୍ତ ବିଭାଗର ଅଧିକାରୀ ଏବଂ ଯନ୍ତ୍ରୀମାନେ ମୋଟା ଅଙ୍କର ପିସି କାରବାର ପାଇଁ ନିଜ ପସନ୍ଦର ଠିକାଦାର, ଦଳୀୟ ନେତା ଓ କର୍ମୀମାନଙ୍କୁ କାମ ଦେଉଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ ହୋଇଛି । ତେଣୁ ବିଭାଗୀୟ ମନ୍ତ୍ରୀ ଓ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଏହାର ତଦନ୍ତ କରିବାକୁ ଦାବି କରିଛି ଆସୋସିଏସନ। ଏହି ଦାବିପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, କୋରାପୁଟ ଭିଜିଲାନ୍ସ ବିଭାଗକୁ ମଧ୍ୟ ପ୍ରଦାନ କରାଯାଇଛି ।

## ପାଣି ପଞ୍ଚାୟତ ନିର୍ବାହୀ କମିଟି ଗଠିତ


ନିର୍ବବାଚିତ ପ୍ରତିନିଧିଙ୍କ ସହ ଅଧିକାରୀ।

ଗୁଣପୁର, ୧୩।୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧିନସ୍ଥ ଚିନ୍ତାଲୁଗୁଡା ଗ୍ରାମରେ ଥିବା ବୃହତ ଉଠାଜଳସେଚନ ପ୍ରକଳ୍ପର ସୁଗମ ବଣ୍ଟନ ନିମନ୍ତେ ୨ଟି ପାଣି ପଞ୍ଚାୟତର ଚାଷୀମାନଙ୍କୁ ନେଇ କମିଟି ଗଠନ କରାଯାଇଛି। ମଙ୍ଗଳା ପାଣି ପଞ୍ଚାୟତ ଏବଂ ମା' କାଳ ଭୈରବୀ ପାଣି ପଞ୍ଚାୟତର ସଭ୍ୟଙ୍କୁ ନେଇ ନିର୍ବାହୀ କମିଟି ଗଠନ ନିମନ୍ତେ ଏକ ବୈଠକ ପାରଳାଖେମୁଣ୍ଡି ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇଛି। ମା' ମଙ୍ଗଳା ପାଣି ପଞ୍ଚାୟତ ନିମନ୍ତେ ସଭାପତି ରୂପେ ଗଙ୍ଗା ଶବର, ସମ୍ପାଦକ ରୂପେ ସୀମାଦ୍ରି, କୋଷାଧ୍ୟକ୍ଷ ରୂପେ ରାଜେଶ୍ୱରୀ ବଡ଼ ପନ୍ଦରାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ସେହିଭଳି ମା' କାଳ ଭୈରବୀ ପାଣି ପଞ୍ଚାୟତ ନିମନ୍ତେ ସଭାପତି ରୂପେ ଗୌରୀ ଗମାଙ୍ଗ, ସମ୍ପାଦକ ଭାବେ ମୁନା ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ସୁକୁଲା କଣ୍ଡାଗିରିଙ୍କୁ ଚୟନ କରାଯାଇଛି। ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ନିର୍ବାହୀ ଯନ୍ତ୍ରୀ ବିଭୁ ପ୍ରସାଦ ପଣ୍ଡା, ସହ ନିର୍ବାହୀ ଯନ୍ତ୍ରୀ ବିଶାଳ କୁମାର ପାତ୍ର, ଶ୍ରୀ ସାଇରାମ, ସୁନୀଲ କୁମାର ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଚୟନ ପ୍ରକ୍ରିୟା କରାଯାଇଥିଲା ।

## ବିକଶିତ ଗାଁ ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ପଲ୍ଲିସଭା

ଚନ୍ଦ୍ରପୁର, ୧୩।୨ (ବିଜୟ ପ୍ରସାଦ ଉଲାକା)


ପଲ୍ଲିସଭାରେ ଉପସ୍ଥିତ ଜନପ୍ରତିନିଧି ଏବଂ ଗ୍ରାମବାସୀ।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ଡାଙ୍ଗସୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିକଶିତ ଗାଁ ବିକଶିତ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ସ୍ୱତନ୍ତ୍ର ପଲ୍ଲିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପଞ୍ଚାୟତର ସମସ୍ତ ୱାର୍ଡରୁ ୱାର୍ଡ ସଭ୍ୟା, ସଭ୍ୟଙ୍କ ସମେତ ଗ୍ରାମବାସୀ ଆସି ବିଭିନ୍ନ ସମସ୍ୟା ତଥା ଉନ୍ନୟନମୂଳକ କାମ ସମ୍ପର୍କରେ ନିଜ ନିଜର ଦାବି ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବିଡିଓ ସୌମ୍ୟକାନ୍ତ ବାଙ୍ଗଲୋ, ସମ୍ମାନିତ ଅତିଥି ଭାବେ ଡାଙ୍ଗସୋରଡ଼ା ସରପଞ୍ଚ ଅନୀତା ଶବର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପାଳଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ କହିଥିଲେ।

## କଳିଙ୍ଗ ଷ୍ଟାଡିୟମ, ସ୍କିଲ୍ ସେଣ୍ଟର ବୁଲି ଦେଖିଲେ କିଶୋରୀ


ରାୟଗଡ଼ା ଜିଲା ଯୁବତୀ ଯୁବକ କଳିଙ୍ଗ ଷ୍ଟାଡ଼ିୟମ ବୁଲି ଦେଖୁଛନ୍ତି।

ରାୟଗଡ଼ା, ୧୩।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାପାଳ ପାରୁଲ ପଟାଓ୍ୱରୀଙ୍କ ଅନୁମୋଦନକ୍ରମେ ଜିଲା ସମାଜ ମଙ୍ଗଳ ବିଭାଗ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ମିଳିତ ସଂଯୋଜନାରେ ଅଦ୍ୱିକା ଯୋଜନା ମାଧ୍ୟମରେ ଜିଲାର କିଶୋରୀ କିଶୋରମାନେ କଳିଙ୍ଗ ଷ୍ଟାଡ଼ିୟମ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଏବଂ ୱାର୍ଲ୍ଡ ସ୍କିଲ ସେଣ୍ଟର ବୁଲି ଦେଖିଥିଲେ। ଜିଲା ସମାଜ ମଙ୍ଗଳ ଉପ ବିଭାଗର ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ଆକ୍ସନଏଡ଼ ତରଫରୁ ବାଲ୍ୟ ବିବାହ ନିଷେଧ ଜିଲା ପରାମର୍ଶଦାତା ରତନେଶ୍ୱର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟ ନାରାୟଣ ନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା କିଶୋରୀ କିଶୋରଙ୍କ ବିଭିନ୍ନ ଦକ୍ଷତା ବିକାଶ ହୋଇପାରିବ । ଯାହାଦ୍ୱାରା ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ । ସେହି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ନେଇ ଅତିରିକ୍ତ ଜିଲାପାଳ ନବୀନ ନାୟକ କହିଛନ୍ତି

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଗୁଣପୁର, ୧୩।୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଗୁଣୁପୁର ସହରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଏଥିରେ ଡାକ୍ତର ଦିବ୍ୟ ଦର୍ଶନ ପଣ୍ଡା ଯୋଗଦେଇ ତମାଖୁ ସେବନ ଦ୍ୱାର ହେଉଥିବା ବିଭିନ୍ନ ରୋଗ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଏହି ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସ୍କୁଲ ଅଫ ମ୍ୟାନେଜମେଣ୍ଟର ମୁଖ୍ୟ ଡ ସୌମେନ୍ଦ୍ର ଦାସ, ସହକାରୀ ମୁଖ୍ୟ ଦେବାଶିଷ ମହାପାତ୍ର, ସେବା ଯୋଜନା କାର୍ଯକ୍ରମ ଅଧିକାରୀ ପ୍ରଫେସର ବାଣୀ ପ୍ରସାଦ ନାୟକ ପ୍ରମୁଖ ମଞ୍ଚାସୀନ ରହିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଆକାଉଣ୍ଟାଣ୍ଟ କିରଣ ପାତ୍ର କାର୍ଯ୍ୟକ୍ରମପରିଚାଳନାରେ ସହଯୋଗ କରିଥିଲେ।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ, ୧୩।୨ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଖଣ୍ଡରା ଗ୍ରାମର ଜଣେ ଯୁବକ କୀଟନାଶକ ଔଷଧ ଖାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ଶୁଭଙ୍କର ମଲ୍ଲିକ। ଶୁଭଙ୍କର ଗତ କିଛି ଦିନ ଧରି ମାନସିକ ଭାରସାମ୍ୟ ହରାଇ ବୁଲୁଥିଲେ। ଗୁରୁବାର ସକାଳେ ଘରେ କେହି ନ ଥିବା ବେଳେ ସେ ଚାଷପାଇଁ ରଖାଯାଇଥିବା କୀଟନାଶକ ଔଷଧ ପିଇଦେଇଥିଲେ। ଫଳରେ ସେ ଘରେ ଅଚେତ ଅବସ୍ଥାରେ ପଡିଥିଲେ। ପରିବାର ଲୋକେ ଚାଷଜମିରୁ ଘରକୁ ଫେରି ଶୁଭଙ୍କରଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଦେଖି ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ଶୁଭଙ୍କରଙ୍କ ଦାଦା ଚୁନା ମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ।

## ୪୫୨ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ

ରାୟଗଡ଼ା, ୧୩।୨ (ଆଶିଷ ରଞ୍ଜନ ପଣ୍ଡା)

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ରାୟଗଡ଼ା ପଞ୍ଚାୟତ ସମିତି ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫୨ ଜଣ ଦିବ୍ୟାଙ୍ଗ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଶେଷଜ୍ଞ ଡାକ୍ତର ଦଳ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ୧୬ ଜଣ ଦୃଷ୍ଟିଶକ୍ତି ବାଧିତ, ୨୮ ଜଣ କର୍ଣ୍ଣ, ନାସା ଓ ଗଳା ଶକ୍ତି ବାଧିତ, ୬୬ ଜଣ ଶାରୀରିକ ବାଧିତ, ୨୧ ଜଣ ମାନସିକ ଭିନ୍ନକ୍ଷମ, ୧୬ ଜଣ ସିପି ଓ ୧୨ ଜଣ ରକ୍ତହୀନତା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୪ ଜଣଙ୍କୁ ହ୍ୱିଲ ଚେୟାର, ୨ ଜଣଙ୍କୁ ସିପି ଚୌକି, ଜଣଙ୍କୁ ଆଶା ବାଡି, ୧୦ ଜଣଙ୍କୁ ଟ୍ରାଇସାଇକେଲ ଓ ୫ ଜଣଙ୍କୁ ଧଳା ବାଡି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ଭାରପ୍ରାପ୍ତ ଉପଜିଲାପାଳ ପ୍ରଜ୍ଞା ପରମିତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପୁଷ୍ପଲତା ଦୀକ୍ଷିତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ସମ୍ପାଦକ ଅମରେନ୍ଦ୍ର ନାଥ, ଓଡ଼ିଶା ବିକଳାଙ୍ଗ ମଞ୍ଚ ସମ୍ପାଦକ ଜଳନ୍ଧର ବାଟେଲି ଏବଂ ଅନ୍ୟ ବ୍ଲକ ଓ ଗ୍ରାମ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ ।


ଅତିଥି, ଅଧିକାରୀଙ୍କ ସହ ଦିବ୍ୟାଙ୍ଗମାନେ।

## ପିଇବା ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ


ମହିଳାମାନେ ରାସ୍ତା ଉପରେ ହାଣ୍ଡି, ଗରା ରଖି ରାସ୍ତା ଅବରୋଧ କରିଛନ୍ତି।

ଟିକିରି, ୧୩।୨ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଶଙ୍କରଡ଼ା ଗ୍ରାମର ମହିଳାମାନେ ପାନୀୟ ଜଳ ଯୋଗାଣ ଦାବିରେ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ମହିଳାମାନେ ରାସ୍ତା ମଝିରେ ହାଣ୍ଡି, ଗରା, ମାଠିଆ ରଖି ରାସ୍ତାରୋକୋ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବରପାଇ କାଶୀପୁର ଏବିଡିଓ ପଦ୍ମିନୀ କହଁର, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଆର୍.କେ. ମହାପାତ୍ରଙ୍କ ସହ ଟିକିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦଳିତ ସାହିରେ ପାଣିଟାଙ୍କି ନିର୍ମାଣ ଏବଂ ଗାଁରେ ଆଉ ଏକ ନଳକୂପ ବସାଇବା ପାଇଁ ପ୍ରଶାସନ ପକ୍ଷରୁ ଅପରାହ୍ନ ୪ଟାରେ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଶଙ୍କରଡ଼ା ଗ୍ରାମର ଦଳିତ ସାହିରେ ଶତାଧିକ ପରିବାର ବାସ କରୁଥିବାବେଳେ ମାତ୍ର ଗୋଟିଏ ନଳକୂପ ଏବଂ ସୋଲାର ପ୍ରକଳ୍ପ ରହିଛି। ୧ମାସରୁ ଅଧିକ ଦିନ ହେଲା ସୋଲାର ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବେଳେ ନଳ କୂପରୁ ପର୍ଯ୍ୟାପ୍ତ ପାଣି ବାହାରୁନାହିଁ । ସେହିପରି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ସୁବିଧା ଥିଲେ ମଧ୍ୟ ପାଇପ୍ ଫାଟିଯାଇଥିବାରୁ ପାଣି ଆସୁନାହିଁ। ଫଳରେ ପାଣି ଟୋପାଏ ପାଇଁ ଗ୍ରାମବାସୀ ବହୁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମର ପାଣି ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ବ୍ଲକ୍ ପ୍ରଶାସନ, ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ରାସ୍ତାରୋକୋ କରିଥିବା ଗ୍ରାମବାସୀ କହିଛନ୍ତି । ଆଲୋଚନା ସମୟରେ ଶଙ୍କରଡ଼ା ସରପଞ୍ଚଙ୍କ ସହ ପିଇଓ ନବୀନ ନାୟକ, ୱାର୍ଡମେମ୍ବର ବନିତା ହିଆଲ, ଲାସିନୀ ହିଆଲ, ନିବେଦିତା ହିଆଲ,ରାମ ଦେଇ ଖୋସ୍‌ଲା, ରେଜମା ନାଏକଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ବାପାଙ୍କ ସହ ୨ ପୁଅ ଆହତ

ଡାବୁଗାଁ, ୧୩।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗ୍ରାମ ଛକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ମିଳି ନାହିଁ। ଆହତମାନେ ହେଲେ ଝରିଗାଁ ବ୍ଲକ କାନାକୋଟ ଗ୍ରାମର ମାନସିଂ ହରିଜନ, ତାଙ୍କ ପୁଅ ମାହିର (୫) ଓ ଜଗର (୨)। ଝରିଗାଁ ବ୍ଲକ କାନାକୋଟ ଗ୍ରାମର ମାନସିଂ ହରିଜନ ତାଙ୍କ ୫ ବର୍ଷର ପୁଅ ମାହିର ଓ ୨ ବର୍ଷର ପୁଅ ଜଗରଙ୍କ ସହ ବାଇକ୍ (ଓଡି-୨୪ଏଚ୍-୩୮୬୨) ଯୋଗେ ବକଡ଼ାବେଢା ଗ୍ରାମରୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଡାବୁଗାଁ-ଉମରକୋଟ ରାଜ୍ୟ ରାଜପଥ ୩୯ ରାସ୍ତାରେ ଚାଟିଗୁଡ଼ା ଗ୍ରାମ ଛକ ନିକଟରେ ବାଇକ୍ (ସିଜି-୦୫ଇ-୨୯୩୫) ନେଇ ଆସୁଥିବା ଜଣେ ଯୁବକ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ବାଇକ୍ ଆରୋହୀମାନେ ରାସ୍ତା କଡକୁ ଛିଟିକି ପଡିଥିଲେ। ଦୁର୍ଘଟଣାରେ ମାନସିଂ ଓ ତାଙ୍କ ୨ ମାହିର, ଜଗର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସରେ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଘଟଣାସ୍ଥଳରେ ବାଇକ୍ (ସିଜି-୦୫ଇ-୨୯୩୫) ନେଇ ଯାଉଥିବା ଯୁବକଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଡାବୁଗାଁ ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହଲଓ୍ୱା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଉମରକୋଟ ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ୍ ୨ଟିକୁ ପୋଲିସ ଜବତ କରିଛି।

### ୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଉମରକୋଟ, ୧୩।୨ (ସନ୍ତୋଷ ଶତପଥୀ)

ଉମରକୋଟ ଅବକାରୀ ବିଭାଗର କର୍ମଚାରୀମାନେ ପାଟ୍ରୋଲିଂବେଳେ ଗଞ୍ଜେଇ ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ସେ ହେଲେ ବଡ଼ବାସିନୀ ଅଞ୍ଚଳର ଧର୍ମଲାଲ ମାଝି। ସୂଚନାନୁଯାୟୀ, ଘାସି ଏକ ବ୍ୟାଗ ନେଇ ଯାଉଥିବାବେଳେ ଅବକାରୀ କର୍ମଚାରୀମାନେ ତାଙ୍କୁ ଅଟକାଇ ଥିଲେ। ଯାଞ୍ଚ କରିବାବେଳେ ତାଙ୍କ ପାଖରୁ ୯ କେଜି ଗଞ୍ଜେଇ ମିଳିଥିଲା। ପୋଲିସ ଏହାପରେ ଗିରଫ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପାଟ୍ରୋଲିଂବେଳେ ଅବକାରୀ ନିରୀକ୍ଷକ ରଞ୍ଜୁଲତା ବାରିକ, ଏଏସ୍‌ଆଇ ମନୋଜ କୁମାର ପ୍ରଧାନ, ସୁବାସ ଚନ୍ଦ୍ର ଗୌଡ଼, ଛତର ଗଣ୍ଡ ଓ ଜ୍ୟୋତ୍ସ୍ନା ହରିଜନ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଦେଲେ ବିଡିଓ

ଜୟପୁର, ୧୩।୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ପରିସରରେ ଜଣେ ଦିବ୍ୟାଙ୍ଗଙ୍କୁ ବିଡିଓ ଶକ୍ତି ମହାପାତ୍ର ହୁଇଲ ଚେୟାର ପ୍ରଦାନ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଉମୁରି ପେଣ୍ଟଆ ସାହିର ଅଭି ଖୋସଲାଙ୍କୁ ହୁଇଲ ଚେୟାର ଦିଆଯାଇଛି। ଏହି ସମୟରେ ବ୍ଲକ୍ ସମାଜିକ ସୁରକ୍ଷା ଅଧିକାରୀ କେ. ଏସ୍. ନିଶା ଉପସ୍ଥିତ ଥିଲେ।



ଅଧିକାରୀମାନେ ହୁଇଲ ଚେୟାର ଦେଉଛନ୍ତି।

# ସରକାରୀ ନିଯୁକ୍ତି ନିୟମ ଖିଲାପ କରି ଶିକ୍ଷକ ନିଲମ୍ବିତ

■ ବିନା ଅନୁମତିରେ ଛୁଟି ଓ ନିୟମିତ ବିଏଡ୍ କରିବା ପଡ଼ିଲା ମହଙ୍ଗା
■ ସ୍କୁଲରେ ଅନୁପସ୍ଥିତ ଥିବାବେଳେ ୨୨୩ ନଂ. ବୁଥରେ ବିଏଲଓ ଦାୟିତ୍ୱ ତୁଲାଇଥିବା ଅଭିଯୋଗ

ନବରଙ୍ଗପୁର, ୧୩।୨ (ସଦାଶିବ ପ୍ରହରାଜ)

ସରକାରୀ ନିଯୁକ୍ତି ଆଇନ ଓ ବ୍ୟବସ୍ଥାକୁ ଅଣଦେଖା। ଚାକିରୀରେ ଥାଇ ବିନା ଉପରିସ୍ଥ ଅଧିକାରୀଙ୍କ ଅନୁମତିରେ ଛୁଟିରେ ରହିବା ସହ ନିୟମିତ ବିଏଡ୍ ପଢୁଛନ୍ତି। ଏକ ବର୍ଷରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ଅନୁପସ୍ଥିତ ରହିଲେ। ଫଳରେ ପିଲାଙ୍କ ଶିକ୍ଷା ଅଧିକାର କ୍ଷୁର୍ଣ୍ଣ ହେଲା। ସିଆରସିସି, ଏବିଇଓ ଏବଂ ବିଇଓ ସମସ୍ତେ ବିଦ୍ୟାଳୟ ପରିଚାଳନା, ପାଠପଢ଼ା, ଶିକ୍ଷକଙ୍କ ଛୁଟି ଓ ଅନୁମତି ଆଦି ଜାଣିବା ଜରୁରୀ। କିନ୍ତୁ ଏହି ନିୟମ ଖିଲାପ କରିବା ଅଭିଯୋଗରେ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ହିର୍ଲି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଚରଣ ସିଂ ହରିଜନଙ୍କୁ ନିଲମ୍ବିତ କରାଯାଇଛି।

ସୂଚନାନୁଯାୟୀ, ଶିକ୍ଷକ ଚରଣ ସିଂ ହରିଜନ ୨୦୨୩ ଜୁଲାଇ ୨୭ରୁ ବିନା ଛୁଟିରେ ରହିଛନ୍ତି। ସେ ଡାବୁଗାଁ ନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୨୨୩ର ବିଏଲଓ ଭାବେ ମଧ୍ୟ ନିୟୋଜିତ। ସେ ଭବାନୀପାଟଣାରେ ନିୟମିତ ବିଏଡ୍ କରୁଛନ୍ତି। ଏ ନେଇ ସେ ବିଇଓ, ଡିଇଓ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନୁମତି ମଧ୍ୟ ନେଇନାହାନ୍ତି। ବିନା ଅନୁମତି ଓ ଛୁଟିରେ ଜଣେ ଶିକ୍ଷକ କିଭଳି ବିଏଡ୍ କରିବାକୁ ଗଲେ ତାହାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଯଦି ସେ ବିଏଡ୍ ପାଇଁ ପରୀକ୍ଷା ଦେଇ ଚୟନ ହୋଇ ଜଏନ କରିଛନ୍ତି ତଥାପି ମଧ୍ୟ ପ୍ରଶାସନିକ ଅନୁମତି ନେଇ ନାହାନ୍ତି। ଯାହା ସରକାରୀ ନିଯୁକ୍ତି ଆଇନକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ। କିନ୍ତୁ ଶିକ୍ଷକ ଜଣଙ୍କ ବିନା ଅନୁମତିରେ ବିଏଡ୍ କରିବା ଦ୍ୱାରା ପିଲାଙ୍କ ପଢ଼ାରେ କ୍ଷତି ହୋଇଛି। ଘଟଣା ସମ୍ପର୍କରେ ଡିଇଓ ଛତ୍ରପତି ସାହୁ ଜାଣି ଏଡିଇଓ ରେଶମଲାଲ ନାୟକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଡିଇଓ ନାୟକ ତଦନ୍ତ ରିପୋର୍ଟ ଦେଲେଯେ, ଶିକ୍ଷକ ଚରଣ ସିଂ ୨୦୨୩ ଜୁଲାଇ ୨୭ରୁ ବିନା ଛୁଟି ଓ ବିନା ଅନୁମତିରେ ବିଏଡ୍ କରୁଛନ୍ତି। ଦରମା ପାଉନଥିଲେ ମଧ୍ୟ ୨୦୨୩ ଜୁଲାଇ ମାସର ଦରମା ପାଇଛନ୍ତି। ଡାବୁଗାଁ ନିର୍ବାଚନ ମଣ୍ଡଳୀର ବୁଥ୍ ନମ୍ବର ୨୨୩ର ବିଏଲ୍‌ଓ ଦାୟିତ୍ୱରେ ରହିଛନ୍ତି। ଏଡିଇଓଙ୍କ ଏହି ରିପୋର୍ଟ ପରେ ଡିଇଓ ଶିକ୍ଷକ ଚରଣ ସିଂ ହରିଜନଙ୍କୁ ନିଲମ୍ବିତ କରିବାକୁ ପାପଡ଼ାହାଣ୍ଡି ବିଇଓ ସୌମେନ୍ଦ୍ର ଭୌମିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଇଓ ୬ ତାରିଖରେ ଚିଠି ନମ୍ବର ୨୪୧ରେ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ଏନେଇ ଜିଲା ନିର୍ବାଚନ ବିଭାଗରେ ପଚାରିବା ପରେ ଚରଣ ସିଂ ବିଏଲ୍‌ଓ ଦାୟିତ୍ୱରେ ଥିବା ଯୋଗୁ ୬୦ ପ୍ରତିଶତ ଭାବେ ୪୨୦୦ ଟଙ୍କା ସହାୟତା ପାଇଛନ୍ତି। ଆଉ ୪୦ ପ୍ରତିଶତ ୨୮୦୦ ଟଙ୍କା ଆକାଉଣ୍ଟକୁ ଯିବ ବୋଲି ଜଣାପଡିଛି। ଶିକ୍ଷକ ଜଣଙ୍କ ସ୍କୁଲରେ ଅନୁପସ୍ଥିତ ରହୁଥିବାବେଳେ ବିଏଲଓ ଦାୟିତ୍ୱରେ ରହି କିଭଳି ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ ତୁଲାଇଲେ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ କହିଛନ୍ତି। ନିୟାମାନୁଯାୟୀ ବିଇଓ ବିଏଲ୍‌ଓ ନିଯୁକ୍ତ କରି ବିଡିଓଙ୍କୁ ନାମ ପ୍ରଦାନ କରନ୍ତି। ବିଡିଓ ତାହାକୁ ଇଆର୍‌ଓଙ୍କୁ ପଠାଇଥାନ୍ତି। ଉକ୍ତ ତାଲିକା ଜିଲା ନିର୍ବାଚନ ବିଭାଗକୁ ଆସିବା ପରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ବିଏଲ୍‌ଓ ପ୍ରାପ୍ୟ ପାଇଥାନ୍ତି। ଦୀର୍ଘ ଦେଢ଼ ବର୍ଷ ହେବ ବିଦ୍ୟାଳୟକୁ ଆସୁ ନ ଥିବା ଶିକ୍ଷକ କିଭଳି ବିଏଲ୍‌ଓ ଦାୟିତ୍ୱ ତୁଲାଇଲେ। ସିଆର୍‌ସିସି, ଏବିଇଓ, ବିଇଓ ଏ ସମ୍ପର୍କରେ କିଭଳି ଜାଣି ପାରିଲେ ନାହିଁ ଏ ସବୁର ତଦନ୍ତ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଜଳ ଯୋଗାଣ ପ୍ରକଳ୍ପ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ

■ ଖରାଦିନ ଆଗରୁ ଜଳକଷ୍ଟ
■ ୪ ମାସ ହେବ ମୋଟର ଖରାପ ଯୋଗୁ ମିଳୁନି ପାଣି
■ ମରାମତି କରା ନ ଗଲେ ବିକ୍ଷୋଭ ଚେତାବନୀ

ପାପଡ଼ାହାଣ୍ଡି, ୧୩।୨ (ସ୍ୱପ୍ନଜିତ ପଟ୍ଟନାୟକ)



ଜଳ ଯୋଗାଣ ପ୍ରକଳ୍ପ ଆଗରେ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପ୍ରଧାନିଗୁଡ଼ା ଗ୍ରାମରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇଥିବାରୁ ପାଣି ସଙ୍କଟ ଦେଖାଦେଇଛି। ଗତ ୪ ମାସ ହେବ ମୋଟର ଖରାପ ଯୋଗୁ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଏ ନେଇ ବାରମ୍ବାର ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରି ଗୁରୁବାର ଜଳ ପ୍ରକଳ୍ପ ନିକଟରେ ବିକ୍ଷୋଭ କରିଥିଲେ। ପ୍ରଶାସନ ପଦକ୍ଷେପ ନ ନେଲେ ରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସୂଚନାନୁଯାୟୀ ପ୍ରଧାନିଗୁଡ଼ା ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପକରୁ ଉକ୍ତ ଗାଁର ପ୍ରାୟ ୪୦୦ରୁ ଓ ବାଙ୍କସର୍ଗିର ପ୍ରାୟ ୩୦୦ ପରିବାରକୁ ଜଳ ଯୋଗାଣ ହୁଏ। କିନ୍ତୁ ଗତ ୪ ମାସ ହେଲା ହେଲା ମୋଟର ବାରମ୍ବାର ଖରାପ ହେବା ଯୋଗୁ ଟାଙ୍କିରେ ତାଲା ଝୁଲୁଛି। ଫଳରେ ଗ୍ରାମରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମରେ ଆବଶ୍ୟକୀୟ ନଳକୂପ ନ ଥିବାରୁ ଲୋକେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଜିଲାପାଳ, ବିଡିଓ, ସରପଞ୍ଚ ଆଦିଙ୍କୁ ଜଣାଇଥିବାବେଳେ ଏ ଦିଗରେ କେହି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି। ପାଣି ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଟାଙ୍କିର ମୋଟର ଅଚଳ ହୋଇଥିବାରୁ ପାଣି ଯୋଗାଣ ହୋଇପାରିନାହିଁ। ଗ୍ରୀଷ୍ମ ପୂର୍ବରୁ ଏପରି ଅବସ୍ଥା ଦେଖି ଲୋକେ ତାତି ଉଠିଛନ୍ତି। ଆଗାମି ଦିନରେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ସୁଲଭାନନ୍ଦ ମହାପାତ୍ର, ଯମୁନା ମାଝୀ, ଦେବକୀ ଗୌଡ଼, ରଘୁନାଥ ହରିଜନ, ବବି ନାୟକ, ସଦା ଗୌଡ଼, ବଳଭଦ୍ର ଶବର, ରମା ଗୌଡ଼, ଗୁରୁବାରୀ ଗୌଡ଼ ଚେତାବନୀ ଦେଇଛନ୍ତି। ଏ ନେଇ ବିଡିଓ କପିଳଦେବ ସାହୁଙ୍କୁ ପଚାରିବାରୁ ଶୁକ୍ରବାର ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବା ସହ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ସୁରକ୍ଷା ବ୍ୟବସ୍ଥା, ପେନ୍‌ସନ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଖବରଦାତା ସଂଘର ଜିଲାପାଳଙ୍କୁ ଦାବିପତ୍ର

ତେନ୍ତୁଳିଖୁଣ୍ଟି, ୧୩।୨ (ଚିଦାନନ୍ଦ ସାହୁ)



ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କୁ ଓୟୁଜେ ଜିଲା ଶାଖା ସଦସ୍ୟମାନେ ଗୁରୁବାର ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଖବରଦାତାଙ୍କ ୩ଦଫା ନ୍ୟାଯ୍ୟ ଦାବି ଯଥା ସୁରକ୍ଷା ବ୍ୟବସ୍ଥା, ପେନ୍‌ସନ ଓ ଅଧିସ୍ୱୀକୃତି କାର୍ଯ୍ୟକାରୀ କରିବାକୁ ସଂଘ ଦାବି କରିଥିଲା। ରାଜ୍ୟ ସରକାର ଏ ଦିଗରେ କାର୍ଯ୍ୟ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ ହୋଇ ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

୩ଦଫା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଓୟୁଜେ ସବୁବେଳେ ଦାବି ଉପସ୍ଥାପନ କରିଚାଲିଛି। ଏହି ଦାବି ପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧ ପୂରଣ ହୋଇନାହିଁ। ଇତିମଧ୍ୟରେ ଦେଶର ୧୮ ରାଜ୍ୟରେ ସରକାର ଖବରଦାତାଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରି ସାରିଲେଣି। କିନ୍ତୁ ଓଡ଼ିଶା ସରକାର ଏହା ପୂରଣ କରୁ ନ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପୂରଣ ନ ହେଲେ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ରାଜ୍ୟ ସଂଘ ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ସୁଶାନ୍ତ ବେହେରା, ସାଧାରଣ ସମ୍ପାଦକ ଚିଦାନନ୍ଦ ସାହୁ, କୋଷାଧ୍ୟକ୍ଷ ଖଗେଶ୍ୱର ମହାକୁଡ, ଫାଲ୍‌ଗୁନୀ ପାତ୍ର, ଚନ୍ଦ୍ରଶେଖର ଜେନା, ମହେଶ୍ୱର ବେହେରା, ମୁନ୍ନା ଦଳେଇ, ଶିବଶଙ୍କର ପାଢ଼ୀ, ଶିବପ୍ରସାଦ ପଣ୍ଡା, ଗୌତମ ଅଗ୍ରଓ୍ୱାଲ, ସୀମାଦ୍ରି ପଟ୍ଟନାୟକ, ନନ୍ଦକୁମାର ବିଶୋଇଙ୍କ ସମେତ ଓୟୁଜେ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସାଇକେଲରେ ପ୍ରୟାଗରାଜ ଯାତ୍ରା କଲେ ଘାସି

### ସନାତନ ଧର୍ମର ପ୍ରଚାର ପ୍ରସାର ଲକ୍ଷ୍ୟ

ଜୟପୁର, ୧୩।୨ (ପବନ ପାଣିଗ୍ରାହୀ)

ଜୟପୁର ସହର ନୂଆସାହି ଅଞ୍ଚଳର ଘାସି ପଣ୍ଡା(୬୦) ସାଇକେଲରେ ପ୍ରୟାଗରାଜକୁ ଯାତ୍ରା କରିଛନ୍ତି। ବୁଧବାର ଜଗତଜନନୀ ମନ୍ଦିରରୁ ମା'ଙ୍କ ଆର୍ଶୀବାଦ ନେଇ ସେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରୟାଗରାଜରେ ସ୍ନାନ କରିବା ପରେ ଅଯୋଧ୍ୟା ଯିବେ। ସନାତନ ଧର୍ମର ପ୍ରଚାର ପ୍ରସାର କରିବା ଏହି ଯାତ୍ରାର ମୂଳ ଲକ୍ଷ୍ୟ। ଘାସି ସାଇକେଲରେ ଭାରତର ବିଭିନ୍ନ ରାଜ୍ୟ ଭ୍ରମଣ କରିଛନ୍ତି। ୧୯୮୮ରେ ଦିଲ୍ଲୀ ଯାତ୍ରା, ୨୦୦୨ରେ କେରଳର ସାବରମାଳା ଓ ୨୦୧୮ରେ ରାମେଶ୍ୱର




ଯାତ୍ରା କରିଛନ୍ତି। ୧ ମାସରେ ୩ ହଜାର କି.ମି. ଯାତ୍ରା କରିବା ଘାସି ଆଶା ରଖିଛନ୍ତି।

## ଷ୍ଟାଡିୟମ ନିର୍ମାଣ ନେଇ ଜାଗା ଚିହ୍ନଟ

ଜୟପୁର, ୧୩।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଆମ୍ବାଗୁଡାରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଗୁରୁବାର ଜାଗା ଚିହ୍ନଟ କରାଯାଇଛି। ରାଜ୍ୟ ସରକାର କ୍ରୀଡ଼ାର ବିକାଶ ପାଇଁ ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ନିର୍ମାଣ ନେଇ ଘୋଷଣା କରିଥିଲେ। ଏଥିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ସୁରଭାଇଜର ହରି ହର ଶତପଥି, ସହକାରୀ ଯନ୍ତ୍ରୀ ଚିହ୍ନଟ କରିଥିଲେ। ପ୍ରାୟ ୧୦ ଏକର ଜମିରେ ଷ୍ଟାଡିୟମ ନିର୍ମାଣ ହେବା ସୂଚନା ମିଳିଛି।



ଅଧିକାରୀମାନେ ଜାଗା ଚିହ୍ନଟ କରୁଛନ୍ତି।

# ଋଣ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ



ଠକାମିର ଶିକାର ହୋଇ ଥାନାରେ ଅଭିଯୋଗ ଜଣାଇଥିବା ମହିଳାମାନେ।

## ଥାନାରେ ଅଭିଯୋଗ କଲେ ମହିଳା

ନବରଙ୍ଗପୁର/ପାପଡ଼ାହାଣ୍ଡି, ୧୩।୨ (ସଦାଶିବ ପ୍ରହରାଜ/ ସ୍ୱପ୍ନଜିତ ପଟ୍ଟନାୟକ)

ଋଣ କରାଇଦେବା ନାମରେ ପ୍ରମାଣ ପତ୍ର ନେଇ ୨ଲକ୍ଷ ୯୦ ହଜାର ଟଙ୍କା ଠକେଇ ହୋଇଥିବା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଲାଇବାନପଦର ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ସେମାନେ ପାପଡ଼ାହାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ଏକ ବର୍ଷ ତଳେ ଗ୍ରାମର ବୁଲୁ ଯାନୀ ଓ ତାଙ୍କ ସ୍ତ୍ରୀ ଭାଗ୍ୟବତୀ ଋଣ କରାଇ ଦେବାକୁ କହି ଗ୍ରାମର ୬ରୁ ଉର୍ଦ୍ଧ୍ୱ ମହିଳାଙ୍କଠାରୁ ପ୍ରମାଣପତ୍ର ମାଗିଥିଲେ। ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା ଋଣ ମିଳିବ ବୋଲି ସେମାନେ କହିଥିଲେ। ତାଙ୍କ କଥାରେ ଭରସା କରି ଗୁରୁବାରୀ ସାନ୍ତା, ବାନ ସାନ୍ତା, ଯଶ ସାନ୍ତା, ଧନାଇ ସାନ୍ତା, ଚମ୍ପା ସାନ୍ତା, ଫୁଲ ସାନ୍ତା ପ୍ରମୁଖ ଆଧାର କାର୍ଡ, ବ୍ୟାଙ୍କ ପସବୁକ, ଫଟୋ ଓ ରାସନ କାର୍ଡ ଦେଇଥିଲେ। ତେବେ ଚାରି ମାସ ତଳେ ଉକ୍ତ କାଗଜ ପତ୍ର ଓ ଟିପ ଚିହ୍ନ ସାହାର୍ଯ୍ୟରେ ବୁଲୁ ଓ ତାଙ୍କ ସ୍ତ୍ରୀ ଏକ ଘରୋଇ ସଂସ୍ଥାରେ ଲକ୍ଷାଧିକ ଟଙ୍କା ଉଠାଇଛନ୍ତି।

ବର୍ତ୍ତମାନ ଟଙ୍କା ପୈଠ କରିବାକୁ ଋଣ ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଚିଠି ଆସିବାରୁ ମହିଳାମାନେ ଘଟଣା ସମ୍ପର୍କରେ ଜାଣିଥିଲେ। ଏବେ ବୁଲୁ ଓ ତାଙ୍କ ସ୍ତ୍ରୀ ଗ୍ରାମରୁ ଫେରାର ଅଛନ୍ତି। ଏ ନେଇ ମହିଳାମାନେ ଗୁରୁବାର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ମହିଳାମାନେ ଯାହା ନାମରେ ଅଭିଯୋଗ କରିଛନ୍ତି ସେ ଏବେ ଫେରାର ଅଛନ୍ତି। ତାଙ୍କୁ ଧରିବା ପରେ ଘଟଣାର ସତ୍ୟସତ୍ୟ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମହିଳାଙ୍କ ପାଇଁ ଥିବା ଆଇନ ସମ୍ପର୍କରେ ଆଲୋଚନା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଉମରକୋଟ, ୧୩।୨ (ସନ୍ତୋଷ ଶତପଥୀ)

ଉମରକୋଟ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଉମରକୋଟ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉମରକୋଟ ସିଡିପିଓ ସଞ୍ଜୁକ୍ତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ରାମ ନାୟକ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଜିଲା ପରିଷଦ ସଭ୍ୟା ଛାୟା ବିଶ୍ୱାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦ୍ରୌପଦୀ କହଁର, ଏବିଡିଓ ଡ. ଜିତେନ୍ଦ୍ର କୁମାର ସାମଲ, ଭାଜପା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ଉମରକୋଟ ପୌର ନିର୍ବାହୀ ଅଧିକାରୀ ଆଲୋକ ଅନୁଗୁଳିଆ, ମହିଳା ଆଇନଜୀବୀ ଭାବନା ତ୍ରିପାଠୀ, ପୋଲିସ ଏସ୍‌ଆଇ ପୂର୍ଣ୍ଣିମା ଟେଟେ, କିଷାନି ପଟ୍ଟନାୟକ, ରମା ପଟ୍ଟନାୟକ ଓ ଫକିର ଚରଣ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଘରୋଇ ହିଂସା ନିବାରଣ ଆଇନ, ବେଟି ବଚାଓ ବେଟି ପଢ଼ାଓ, ଭ୍ରୁଣ ନିରୂପଣ ନିବାରଣ ଆଇନ, ବାଲ୍ୟବିବାହ, ଯୌତୁକ ନିବାରଣ ଆଇନ, କର୍ମସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ, ଡାହାଣୀ ନିବାରଣ ଆଇନ, ମହିଳା ଚାଲାଣ ଆଇନ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ସିଆର୍‌ପି ଓ କଲେଜ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ବିକଶିତ ଗାଁ, ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ଗ୍ରାମସଭା

ଧୋଡ୍ରା, ୧୩।୨ (ଗଣେଶ ଚନ୍ଦ୍ର ଛତ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଚାଟିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ନେଇ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୁରାମ ଭତରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ସରପଞ୍ଚ ଗୋପବାଲି ପୂଜାରୀ ସଭାପତିତ୍ୱ କରିଥିଲେ। ଏଥିରେ ନାଏବ ସରପଞ୍ଚ ଗୋବର୍ଦ୍ଧନ ସମରଥ, ସମିତି ସଭ୍ୟା କୁସୁମା ଭତ୍ରା, ଏଏନ୍‌ଏମ୍ ସୀତା ବେହେରା, ଯୋଗାଣ ସହାୟକ ମଦନ ଭତ୍ରା, ଆକାଉଣ୍ଟାଣ୍ଟ ଅଫ୍ ଡିଓ କୃପାସିନ୍ଧୁ ନାୟକ, ଜୟଦାସ ପନକା, ସମସ୍ତ ୱାର୍ଡମେମ୍ବର, ଏମ୍‌ବିକେ, ସିଆର୍‌ପି ଉପସ୍ଥିତ ଥିଲେ। ପଞ୍ଚାୟତକୁ ମିଳୁଥିବା ଟଙ୍କାରେ ରାସ୍ତା ନିର୍ମାଣ, ଶିକ୍ଷା ଭିତ୍ତିଭୂମିର ବିକାଶ ସହ କ୍ରୀଡ଼ା, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତୀକରଣ ସମ୍ପର୍କରେ ପିଇଓ ମନୁରାମ ଭତରା ବିସ୍ତୃତଭାବେ ଅବଗତ କରିଥିଲେ। ସରପଞ୍ଚ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଙ୍କୁ ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା ଶିକ୍ଷା

## ଇଟିଏଫ୍ ପକ୍ଷରୁ ଏମ୍‌ଏଚ୍‌ଏମ୍ କିଟ୍

ତେନ୍ତୁଳିଖୁଣ୍ଟି, ୧୩।୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଧୀନ ଦିବ୍ୟ ହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଅଞ୍ଚଳଗୁମ୍ମା ସ୍ଥିତ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀଙ୍କୁ ନେଇ ଇଟିପିଏ ଫାଉଣ୍ଡେଶନ ପକ୍ଷରୁ ଋତୁସ୍ରାବ ସ୍ୱଚ୍ଛତା ପରିଚାଳନା ଓ ଶିକ୍ଷା ପରିବେଶ ଅନୁକୂଳ କାର୍ଯ୍ୟକ୍ରମ କରାଯାଇଛି। ଇଟିପିଏ ଫାଉଣ୍ଡେଶନ ନିର୍ଦ୍ଦେଶିକା ବିଜୟା ବାଜପେୟୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶାୟୀ ଇଣ୍ଟେକ୍ ଲିମିଟେଡ୍ କମ୍ପାନୀର ଟେକୋଓମି ଓସୱା ମୁଖ୍ୟ ଅତିଥିଭାବେ ଉପସ୍ଥିତି ରହି ବିଦ୍ୟାଳୟଗୁଡିକରେ ୧୦୬ଛାତ୍ରୀଙ୍କୁ ଏମ୍‌ଏଚ୍‌ଏମ୍ କିଟ୍ ପ୍ରଦାନ କରିଥିଲେ। ଆଗାମୀ ଦିନରେ ବ୍ଲକ୍‌ର ଅନ୍ୟ ୧୦ ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କୁ ଏହି କିଟ୍ ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଥିବା ବାଜପେୟୀ କହିଛନ୍ତି। କାର୍ଯ୍ୟକ୍ରମକୁ ଇଟିପିଏ କର୍ମଚାରୀ ବିନିତ୍ ଖୁଭେ, ସ୍ନେହଲତା ପୃଷ୍ଟି, କେ.ନୈନା ପାତ୍ର, ସୁଲେଖା ସୁନା ପ୍ରମୁଖ ପରିଚାଳନା କରୁଥିଲେ। ଅଞ୍ଚଳଗୁମ୍ମା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲଳିତ ବାଗ, ଶିକ୍ଷୟିତ୍ରୀ ସବିତା ତ୍ରିପାଠୀ, ଶିକ୍ଷକ ପରମେଶ୍ୱର ମହାରଣା, ରାମପ୍ରସାଦ ନାୟକ, ଯୁଗଳ ହରିଜନ, ଦିଲୀପ ପ୍ରଧାନ, ଦିବ୍ୟହୃଦୟ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ, ଶିକ୍ଷକ ସୀମାଞ୍ଚଳ ଖୁରା ପରିଚାଳନାରେ ସହଯୋଗ କରିଥିଲେ।




ଅତିଥି ଓ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ କିଟ୍ ପାଇଥିବା ଛାତ୍ରୀମାନେ।

# ଢୋଲ, ମାଦଳ ତାଳେତାଳେ ବୁଲିଲେ ଲାଠି କୁର୍ଚ୍ଚି

■ ଡାବୁଗାଁରେ ମାଘ ମଣ୍ଡେଇ
■ ଖଣ୍ଡା ଧରି ନାଚିଲେ ପୂଜାରୀ, ଶିରା, ଦିଶାରି

ଡାବୁଗାଁ, ୧୩।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁରେ ଆଦିବାସୀମାନଙ୍କ ପାରମ୍ପରିକ ମାଘ ମଣ୍ଡେଇ ଗୁରୁବାର ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ତାଳେତାଳେ ଏହି ଉତ୍ସବ ଶେଷ ହୋଇଛି। ଏଥିରେ ଡାବୁଗାଁ ବ୍ଲକ ସମେତ ଆଖପାଖ ୧୫୦ ଗ୍ରାମରୁ ଲାଠି, କୁର୍ଚ୍ଚି ଓ ପାଲିଙ୍କି ଭୈରବ ମନ୍ଦିରରେ ପୂଜା ପାଇଥିଲେ। ଅପରାହ୍ନରେ ସମସ୍ତ ଲାଠି, କୁର୍ଚ୍ଚି ନଗର ପରିକ୍ରମାକରି ଭୈରବ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପୂଜାରୀ, ଶିରା ଓ ଦିଶାରିମାନେ ସାଜସଜ୍ଜା ହୋଇ ଖଣ୍ଡା ଧରି ନୃତ୍ୟ କରିଥିଲେ। ଲାଠି, କୁର୍ଚ୍ଚି, ଶିରା, ଦିଶାରିମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରି ବଜାର ପରିକ୍ରମାକରି ମନ୍ଦିରରେ ପହଞ୍ଚିଥିଲେ। ଶୁକ୍ରବାର ଲାଠି,




ଲାଠି, କୁର୍ଚ୍ଚିଙ୍କୁ ଧରି ଶିରା, ଦିଶାରିମାନେ ବଜାର ପରିକ୍ରମା କରୁଛନ୍ତି।

କୁର୍ଚ୍ଚି ଓ ଶିରା ପୂଜାରୀମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯିବା ପରେ ବିଦାୟ ଦିଆଯିବ। ଲୋକଙ୍କ ମନୋରଞ୍ଜନ ପାଇଁ ରାତିରେ ଦେଶିଆ ନାଟ କରାଯିବ। ମାଲକାନଗିରି ଜିଲା ଗଳିଆଗୁଡା ଗ୍ରାମର କର୍ଣ୍ଣ ଗୁରୁଙ୍କ ନିର୍ଦ୍ଦେଶିତ କେଉଁ ଭୁଲ୍ ପାଇଁ ଦୁଃଖ ପାଉଛି ଓ ଡାବୁଗାଁ ବ୍ଲକ ଅଧୀନ ପୂଜାରିଗୁଡା ଗ୍ରାମର ଦାମ ଗୁରୁଙ୍କ ନିର୍ଦ୍ଦେଶିତ ଏମିତି ପ୍ରେମ କାହିଁକି କଲି ପରିବେଷଣ କରାଯାଇଛି। ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ, ବବି ଜେନା ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ବିନୋଦ ସୌରା, ଉପସଭାପତି ସତ୍ୟରଞ୍ଜନ ପାତ୍ର, ସମ୍ପାଦକ ସୁରେନ୍ଦ୍ର ରେଲି, ରାମକୁମାର ଗଣ୍ଡ, ବିଶ୍ୱରଞ୍ଜନ ରାୟପାତ୍ର, କୁନୁ ପାତ୍ର, ଶାନ୍ତି ସୁନା, ତରଣୀ ରେଲୀ, ଜିତୁ ରେଲୀ, ମନୁ ରେଲି, ଗୁନା ଭାଟ, ବୁନୁ ଜାନୀ, ଭୈରବ ରାଓ ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ତେଲଙ୍ଗାନାରେ ୧୯ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୩।୨ (ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନା ରାଜ୍ୟ ଭଦ୍ରାଦ୍ରି କତାଗୁଡେମ ଜିଲା ପୋଲିସ ନିକଟରେ ଗୁରୁବାର ଛତିଶଗଡ଼ ରାଜ୍ୟ କାଙ୍କେର, ବିଜାପୁର, ଦାନ୍ତେୱାଡା ଓ ସୁକ୍‌ମା ଆଦି ଜିଲାର ୧୯ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ସରୋଟି ମନୀଷ, ମାଡବି ନନ୍ଦା, ମାଡବି ହାନ୍ଦା, ମାଡବି ହିଡମା, ମଡକମ୍ ଦେବା, କୋଲୁମୁ ଆଇତା,ପଡିୟମ ସାମାୟା, ପଡିୟମ୍ ନାଗେଶ, ସୋଡି ଅର୍ଜୁନ, ପଡିୟମ୍ ଆଡମା, ମଡକମ୍ ଉଙ୍ଗା, କୁଞ୍ଜାମ ଘାସି, ମିର୍ଗମ ସୁକାୟା, ମାଡବି ଇଡମାୟା, ସେଲ୍ଲମ୍ ଭେଙ୍କଟ, ସାଲବାମ୍ ଶଙ୍କର, ମାଡବି କୋସା, ଦିର୍ଜ ସୁଲା ଓ ସୋଡି ଇଡମା। ଏମାନେ କହିଛନ୍ତି, ଗତ ଜାନୁଆରୀରେ ପ୍ରାୟ ୨୨ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କୁ ଯୋଗାଇଦେଇଥିବା ସମସ୍ତ ସୁବିଧା ସୁଯୋଗ, ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ସାମିଲ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଛନ୍ତି।

ବର୍ତ୍ତମାନ ସିପିଆଇ ମାଓବାଦୀ ସଂଘ ତରଫରୁ ଆଦିବାସୀ ଜନସାଧାରଣଙ୍କ ପ୍ରତି ହେଉଥିବା ଅତ୍ୟାଚାର, ନିରୀହ ଆଦିବାସୀଙ୍କୁ ହତ୍ୟା, ମାଓବାଦୀ ସଙ୍ଗଠନ ଦ୍ୱାରା କୌଣସି ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ଯୋଗୁ ବାଧହୋଇ ଏମାନେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ରେ ପୋଲିସର ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଇତିମଧ୍ୟରେ ବହୁ ମାଓବାଦୀ ପୋଲିସ ଗୁଳିରେ ମୃତ୍ୟୁବରଣ କରିଛନ୍ତି। ଛତିଶଗଡ଼ ସରକାର ମଧ୍ୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେଲଙ୍ଗାନା ସରକାରଙ୍କ ଦ୍ୱାରା ଏମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ସହ ସରକାରଙ୍କ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ଭଦ୍ରାଦ୍ରି କତାଗୁଡେମ୍ ପୋଲିସ ସୂଚନା ଦେଇଛି ।


ଆତ୍ମସମର୍ପଣ କରିଥିବା ମାଓବାଦୀ ।

## ତୃଣମୂଳସ୍ତରୀୟ ଦକ୍ଷତା ଶିବିର

କୋଟପାଡ଼, ୧୩।୨ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ ବ୍ଲକ୍ ଅଫିସ କନଫରେନ୍ସ ହଲରେ ଦିନିକିଆ ତୃଣମୂଳସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ଦକ୍ଷତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରା ପଞ୍ଚାୟତରେ ପରିଚାଳିତ ସବୁଜ ବିବର୍ତ୍ତନ ଓ ଖାଦ୍ୟ ବ୍ୟବସ୍ଥାର ରୂପାନ୍ତରଣ ପଥ ତଥା ନିରନ୍ତର ସମନ୍ୱିତ କୃଷି ବ୍ୟବସ୍ଥା ଆଧାରରେ ପ୍ରଗତିର କାର୍ଯ୍ୟକର୍ତ୍ତା ଅଂଶୁମାନ ପଟ୍ଟନାୟକ, ପଙ୍କଜ ମିଶ୍ର ଓ ବାଳକୃଷ୍ଣ ପଟ୍ଟନାୟକ ୪୨ ପ୍ରତିଭାଗୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କୋଟପାଡ଼ ସିଡିପିଓ ସୁମିତ୍ରା ତ୍ରିପାଠୀ, ଉଦ୍ୟାନ କୃଷି ଅଧିକାରୀ ବିଜୟ କୁମାର ମହନ୍ତ, ଏପିଓ ସାଗରିକା ପଣ୍ଡା, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ବଗସିଙ୍ଗ ଓ ଟିସି ନିକୁଞ୍ଜ ବିହାରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ମାଓବାଦୀ ସାମଗ୍ରୀ ଜବତ



ଯବାନଙ୍କ ଦ୍ୱାରା ଜବତ ହୋଇଥିବା ମାଓବାଦୀ ସାମଗ୍ରୀ ।

ମାଲକାନଗିରି, ୧୩।୨ (ଦୁର୍ଯ୍ୟୋଧନ ପାତ୍ର)

ପଡିଆ ଥାନା ସିଲାକୋଟା ଜଙ୍ଗଲରୁ ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ଗୁରୁବାର ମାଓବାଦୀ ସାମଗ୍ରୀ ଜବତ ହୋଇଛି। ପୋଲିସ ଓ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ ଯବାନମାନେ ସିଲାକୋଟା ଜଙ୍ଗଲ ଅଭିମୁଖେ ସର୍ଚ୍ଚରେ ବାହାରି ଥିଲେ। ସିଲାକୋଟା ଜଙ୍ଗଲର ଚାରଟି ସ୍ଥାନରେ ଏହି ସାମଗ୍ରୀ ଠାବ କରିଥିଲେ। ଉକ୍ତ ଚାରଟି ସ୍ଥାନରୁ ତିନୋଟିରେ ପଥର ଗୁମ୍ଫା ମଧ୍ୟରୁ ଜବତ କରାଯାଇଥିବା ବେଳେ ପ୍ରାୟ ୫୦ ମିଟର ଦୂର ଦୁଇଟି ଗଛ ମଧ୍ୟରେ ଥିବା ଖାଲି ସ୍ଥାନ ମାଟି ତଳୁ ସାମଗ୍ରୀ ଜବତ କରାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରୁ ଗୋଟିଏ ପ୍ରେସର ବୋମା, ୩ ଟିଫିନ ଆଇଇଡି, ତିନୋଟି ଡିଟୋନେଟର, ୧୧ ମିଟର ତାର, ଗୋଟିଏ ମୋବାଇଲ ଫୋନ୍, ପାୱାର ବ୍ୟାଙ୍କ, ୩ ଏସ୍‌ବିଏମ୍‌ଏଲ୍ ବନ୍ଧୁକ ଜବତ କରିଛନ୍ତି। ମାଓବାଦୀମାନେ ପୋଲିସକୁ ଟାର୍ଗେଟକରି ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ମାଲକାନଗିରି ଏସ୍.ପି. ବିନୋଦ ପାଟିଲ ହେଚ୍ ସୂଚନା ଦେଇଛନ୍ତି ।

## ଡ୍ୟାମ୍‌ରେ ବୁଡି ୧୦ ବର୍ଷର ଶିଶୁ ମୃତ

କୋରୁକୋଣ୍ଡା, ୧୩।୨ (ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଆମିଲିବେଡା ଗ୍ରାମରେ ଘରୁ ବାହାରକୁ ଖେଳିବାକୁ ଯାଇ ଗ୍ରାମ ନିକଟରେ ଥିବା ଡ୍ୟାମ୍‌ରେ ବୁଡିଯିବା ଯୋଗୁ ଜଣେ ୧୦ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଅଭି ଶିଶା (୧୦)। ସେ ହେଉଛନ୍ତି ନାକାମାମୁଡି ପଞ୍ଚାୟତ ଆମିଲି ବେଡା ଗ୍ରାମର ସନିଆ ଶିଶାଙ୍କ ପୁଅ। ଏନେଇ ମୃତ ଶିଶୁଙ୍କ ପରିବାର ଲୋକେ ଚିତ୍ରକୋଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କ ନିର୍ଦ୍ଦେଶ କ୍ରମେ ଏକ ଅପମୃତ୍ୟୁ ମାମଲା ନଂ.୨/୨୫ ରୁଜୁ ହେବା ସହ ଏଏସ୍‌ଆଇ ବସନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ମୃତଦେହ ଜବତକରି ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବ୍ରିଜ୍ ତଳୁ ଓ ପାର୍ଶ୍ୱରୁ ଖସୁଛି ମାଟି, ପଥର

- ମରଣଯନ୍ତା ପାଲଟିଛି ବାଲିମେଲା-ଖଡ଼ିକାଯୋଡ଼ି ମୁଖ୍ୟରାସ୍ତା ଉଭୟ ପାର୍ଶ୍ୱ
- କଟାଯାଉନି ରାସ୍ତାକୁ ମାଡ଼ିଥିବା ଜଙ୍ଗଲ

କୋରୁକୋଣ୍ଡା, ୧୩।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଲା ଛକଠାରୁ ଖଡ଼ିକାଯୋଡ଼ି ଦେଇ ଡାଇକ୍-୩ ଓ ଚିତ୍ରକୋଣ୍ଡା ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମାଟି ଗତ ଦିନରେ ହୋଇଥିବା ପ୍ରବଳ ବର୍ଷାରେ ଧୋଇହୋଇଯିବା ସହ ବିଭିନ୍ନ ସ୍ଥାନରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ଥିବା ଗୋଟିଏ ପୋଲ ତଳୁ ମାଟି ଓ ପଥର ବାହାରିଯିବାରୁ ଉକ୍ତ ପୋଲର ଛାତର କିଛି ଅଂଶ ଝୁଲି ରହିଥିବା ଦେଖିବାକୁ ମିଳିଛି। ରାସ୍ତାର ଅଧିକାଂଶ ସ୍ଥାନରେ ପିଚୁ ଉଠିଯିବାରୁ ବହୁ ସ୍ଥାନରେ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଆଉ କିଛି ସ୍ଥାନରେ ରାସ୍ତା ପାର୍ଶ୍ୱରୁ ମାଟି ଓ ପଥର ଖସିବା ଯୋଗୁ ସଙ୍କୁଚିତ ହୋଇଯାଇଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ବାଲିମେଲା ସହର ସମେତ, କୁଡୁମୁଲୁଗୁମ୍ମା, ନାକାମାମୁଡି ଟର୍ନେଲକ୍ୟାମ୍ପ, ଚିତ୍ରକୋଣ୍ଡା, ଦୋରାଗୁଡା ଓ ଅନ୍ୟାନ୍ୟ ବହୁ ପଞ୍ଚାୟତ ଲୋକେ ଯାନବାହନରେ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ଏହା ଏକ ଘାଟି ରାସ୍ତା ହୋଇଥିବା ବେଳେ ଉଭୟ ପାର୍ଶ୍ୱରେ ଶତାଧିକ ଖାଲ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ କରାଯାଉନାହିଁ । ଫଳରେ ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଜଙ୍ଗଲ ସଫା କରାଯାଉନାହିଁ। ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ପାଚେରିରେ ଆଦୌ ରଙ୍ଗ ଦିଆଯାଉନାହିଁ, ଯାହାକି ଦୁର୍ଘଟଣାର ଏକ ମୁଖ୍ୟ କାରଣ ହୋଇଛି। ଲୋକେ ବିପଦସଂକୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ବୋଲି କେତେଜଣ ଯାତ୍ରୀ ଓ ଗାଡି ଚାଳକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ରାସ୍ତା ମରାମତି ନିମନ୍ତେ ଅଞ୍ଚଳବାସୀ ବହୁବାର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ ବି କେହି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମହାଦେବ କୁମ୍ଭାରଙ୍କୁ ତାଙ୍କ ମୋବାଇଲ ନମ୍ବର ୭୭୩୫୮୭୧୪୦୯ ରେ ବହୁବାର ଫୋନ କରାଯାଇଥିଲା। କିନ୍ତୁ ସେ ଆଦୌ ଫୋନ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିଲା ନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଏସ୍‌ଡିଓ ସଂଗ୍ରାମ ମାରାଣ୍ଡିଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଉକ୍ତ ରାସ୍ତା ସମେତ ଉଭୟ ପାର୍ଶ୍ୱର ମରାମତି କରାଯିବ ବୋଲି କହିଛନ୍ତି।


ନଷ୍ଟ ହୋଇଯାଇଥିବା ରାସ୍ତା ।

## ତାଲା ଭାଙ୍ଗି ପାଣି ଚଲାଇଲେ ପଞ୍ଚାୟତ କର୍ତ୍ତୃପକ୍ଷ


ଜଳ ଯୋଗାଣ ପାଇଁ ପଞ୍ଚାୟତ କର୍ତ୍ତୃକ୍ଷକ ତାଲା ଭାଙ୍ଗୁଛନ୍ତି ।

ଗୋବିନ୍ଦପାଲି, ୧୩।୨ (କାର୍ତ୍ତିକ ରଥ)

**ଦ୍ୱିତୀୟ ଦିନରେ ଏସ୍‌ଇଏମ୍‌ଙ୍କ ଆନ୍ଦୋଳନ**

ଖଇରପୁଟ ବ୍ଲକ୍ ଗୋବିନ୍ଦପାଲି ଗ୍ରାମରେ ନିୟୋଜିତ ଥିବା ଏସ୍‌ଇଏମଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ପାନୀୟ ଜଳ ଯୋଗାଣରେ ଅସୁବିଧା ଦେଖାଦେଇଛି। ଏକ ୧୦ ଦଫା ସମ୍ବଳିତ ଦାବିପତ୍ର, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀଙ୍କୁ ପ୍ରେରଣ କରିବା ସହ ଏହାର ନକଲ ସ୍ଥାନୀୟ ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ଭୀଷ୍ମ ମାଲିକଙ୍କୁ ପ୍ରଦାନ କରିଛନ୍ତି। ବିଭିନ୍ନ ପମ୍ପ ଗୃହରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ଅଛନ୍ତି ନଳକୂପ ମିସ୍ତ୍ରି ଓ ପାଣି ପମ୍ପ ଚାଳକ। ଗ୍ରାମବାସୀଙ୍କ ପାନୀୟ ଜଳ ଜନିତ ଅସୁବିଧାକୁ ଦୃଷ୍ଟିରେ ରଖି ପଞ୍ଚାୟତ ତରଫରୁ ସମସ୍ତ ପମ୍ପ ଗୃହ ତାଲା ଭାଙ୍ଗି ଜଳଯୋଗାଣ କରାଯାଇଥିଲା। ଯେଉଁ ପର୍ଯ୍ୟନ୍ତ ଏସ୍‌ଇଏମ୍‌ଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ନ ହୋଇଛି ସେ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ଅଞ୍ଚଳବାସୀଙ୍କୁ ଜଳ ଯୋଗାଇବେ ବୋଲି ଆର୍‌ଡବ୍ଲୁଏସ୍‌ଏସ୍ ସହକାରୀ ଯନ୍ତ୍ରୀ ଭୀଷ୍ମ ମଲ୍ଲିକ କହିଛନ୍ତି। କାର୍ଯ୍ୟକ୍ରମରେ ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି, ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳକୃଷ୍ଣ ଦେହୁରୀ, ୱାର୍ଡମେମ୍ବର କୁନା ରାଉଳ ଓ କେତେଜଣ ଗ୍ରାମବାସୀ ଓ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## କୋର୍ଟରେ ହାଜର ନ ହେବାରୁ ବନ୍ଧା ହେଲେ ଅକ୍ଷୟ

କୋରୁକୋଣ୍ଡା, ୧୩।୨ (ଶିବଦତ୍ତ ସାହୁ)

**ସ୍ତ୍ରୀ ହତ୍ୟା ମାମଲା**

ସ୍ତ୍ରୀ ହତ୍ୟା ମାମଲାରେ ଜାମିନରେ ଆସିବା ପରେ କୋର୍ଟରେ ହାଜର ନ ହେବାରୁ ଓର୍କେଲ ପୋଲିସ ଗୁରୁବାର କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ଗ୍ରାମର ଅକ୍ଷୟ ବେହେରାଙ୍କୁ ଗିରଫ କରିଛି। ସେ ୧୭ ମାସ ଜେଲରେ ରହିବା ପରେ ଜାମିନରେ ଘରକୁ ଆସିଥିଲେ। ଧାର୍ଯ୍ୟ ତାରିଖରେ ହାଜର ହେବା ପାଇଁ କୋର୍ଟ ଅକ୍ଷୟଙ୍କ ନିକଟକୁ ନୋଟିସ ପଠାଉଥିଲେ ମଧ୍ୟ ସେ ଅବମାନନା କରିଥିଲେ। କୋର୍ଟ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ପୋଲିସ ଅକ୍ଷୟଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଥିବା ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଜୁଲାଇରେ ତାଙ୍କ ସ୍ତ୍ରୀଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଥିଲା। ମୃତ ମହିଳାଙ୍କ ପରିବାର ଲୋକେ ଓର୍କେଲ ଥାନାରେ ୫।୭।୨୧ରେ ଅକ୍ଷୟଙ୍କ ବିରୋଧରେ ଏତଲା ଦେଇଥିଲେ। ନଂ.୧୧୯/୨୧ରେ ଏକ ମାମଲା ରୁଜୁ କରି ଅକ୍ଷୟଙ୍କୁ ଗିରଫପରେ କୋର୍ଟ ଚାଲାଣ କରାଯାଇଥିଲା।


ଗିରଫ ଅକ୍ଷୟ ବେହେରା ।

## ଲକ୍ଷ୍ମୀପୁର ଗଣବଳାତ୍କାର ପୀଡିତାଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଭୁବନେଶ୍ୱର, ୧୩।୨ (ଅନୁରାଧା ମହାରଣା)

କୋରାପୁଟ ଜିଲା ଲକ୍ଷ୍ମୀପୁର ଗଣବଳାତ୍କାର ଘଟଣାକୁ ନେଇ ବିଜୁ ଜନତା ଦଳ ଉଦ୍‌ବେଗ ପ୍ରକାଶ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗୁରୁବାର ଲକ୍ଷ୍ମୀପୁର ଯାଇ ପୀଡିତା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍‌ରେ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟର ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, କୌଶଲ୍ୟା ହିକ୍କା, ଅନସୂୟା ମାଝୀ ପ୍ରମୁଖ ସାମିଲ ଥିଲେ। ପୀଡ଼ିତାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ପୀଡିତାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ଅବସ୍ଥା ଭଲ ନାହିଁ। ସେ ଏବେ ଚିକିତ୍ସାଧୀନ ଅଛନ୍ତି। ତେଣୁ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବା ସହିତ ଉପଯୁକ୍ତ ଚିକିତ୍ସା ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ରାଜ୍ୟରେ ବଳାତ୍କାର ଭଳି ଘଟଣା ବିଶେଷକରି ଆଦିବାସୀ ଓ ଦଳିତଙ୍କ କ୍ଷେତ୍ରରେ ପ୍ରତିଦିନ ଘଟୁଛି। ରାଜ୍ୟର ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ଆଦିବାସୀ ବାଳିକାଙ୍କ ସହ ଏପରି ଘଟଣା ଘଟିବା ଅତ୍ୟନ୍ତ ଚିନ୍ତାଜନକ। ଏଭଳି ଘଟଣାକୁ ରୋକିବା ନେଇ ସରକାର କୌଣସି ପଦକ୍ଷେପ ନେବା ତ ଦୂର କଥା ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ପ୍ରତି ସମବେଦନା ମଧ୍ୟ ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

## ରାସ୍ତାରେ ପଡୁନି ପାଣି, ଧୂଳିରେ ଅଣନିଃଶ୍ୱାସୀ ଯାତ୍ରୀ

କୋରୁକୋଣ୍ଡା, ୧୩।୨ (ଶିବଦତ୍ତ ସାହୁ)

ମାଲକାନଗିରି -ବାଲିମେଲା ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମରାମତି କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ସରିବା ପରେ ପ୍ରାୟ ୨୦କୋଟି ଟଙ୍କା ବ୍ୟୟରେ ବିଏମ୍‌ଏସ୍ କନ୍‌ଷ୍ଟ୍ରକସନ୍ସ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯିବା ପରେ ପ୍ରାୟ ୧ ବର୍ଷ ହେବ ଉକ୍ତ ସଂସ୍ଥା ପକ୍ଷରୁ ରାସ୍ତା ମରାମତି କାର୍ଯ୍ୟ ଜାରି ରହିଛି ।

କିନ୍ତୁ ବିଡ଼ମ୍ବନାର ବିଷୟ ପୋଟ୍ରେଲ ଛକ, ତେନ୍ତୁଲିଗୁଡ଼ା ଗ୍ରାମ ନିକଟ ଏବଂ ତାର୍ଲାକୋଟା ଘାଟି ରାସ୍ତା ଖୋଳାଯାଇ କାମ ଚାଲିଥିବା ଯୋଗୁ ଡାଇଭର୍ସନ କରାଯାଇଛି। ଉକ୍ତ ମାଟି ରାସ୍ତାକୁ ଲେବୁଲ କରାଯାଇନାହିଁ। ଫଳରେ ଛୋଟ ବଡ଼ ଖାଲରେ ଭର୍ତ୍ତି ହୋଇ ରହିଛି। କାମ ଚାଲିଥିବା ସ୍ଥାନରେ ଏବଂ ଡାଇଭର୍ସନ ରାସ୍ତାରେ ଆବଶ୍ୟକ ଅନୁସାରେ ପାଣି ସିଞ୍ଚନ କରିବା ପାଇଁ ନିୟମ ଥିଲେ ମଧ୍ୟ କାମ କରିଥିବା ସଂସ୍ଥା ନିୟମ ମାନୁନାହାନ୍ତି। ଏନେଇ ଗତ ୨ ତରିଖରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭଗୀୟ କର୍ତ୍ତୃପକ୍ଷ ଉକ୍ତ ଠିକା ସଂସ୍ଥାକୁ ତାଗିଦ କରିବା ସହ ପ୍ରତିଦିନ ୨/୩ ଥର ପାଣି ସିଞ୍ଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଉକ୍ତ ରାସ୍ତାରେ ଠିକା ସଂସ୍ଥା ନାମକୁ ମାତ୍ର ଥରେ ଦୁଇଥର ପାଣି ସିଞ୍ଚନ କରିବା ପରେ ଆଉ ପାଣି ପକାଯାଉ ନାହିଁ। ଫଳରେ ଏହି ରାସ୍ତା ଦେଇ ପ୍ରତିଦିନ ଯାତାୟାତ କରୁଥିବା ଲୋକେ ପ୍ରବଳ ଧୂଳି ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ପାଣି ସିଞ୍ଚନ ସହ ଠିକାସଂସ୍ଥା ଦ୍ୱାରା ତୁରନ୍ତ ମରାମତି କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଠିକା ସଂସ୍ଥାର ଅବମାନନା**


ରାସ୍ତାରେ ଉଡୁଥିବା ଧୂଳି ।

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ


ପଲ୍ଲିସଭା ବୈଠକରେ ଆଲୋଚନା କରାଯାଉଛି ।

ମାଥିଲି, ୧୩।୨ (ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ୍ ଭେଜାଗୁଡା ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ପଲ୍ଲିସଭା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା,କାର୍ଯ୍ୟନିର୍ବାହୀ ଅଧିକାରୀ ହୃଦୟ ରଞ୍ଜନ ବାଘ, ୨ ନମ୍ବର ଜଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ଭେଜାଗୁଡା ସରପଞ୍ଚ ଭୀମସେନ ନାୟକ,ପୂର୍ବତନ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ମାଝୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଜେନାଙ୍କ ନେତୃତ୍ୱରେ ୧୩ ୱାର୍ଡମେମ୍ବରଙ୍କ ସହ ଭେଜାଗୁଡା ପଞ୍ଚାୟତ ଜନସାଧାରଣଙ୍କ ଉପସ୍ଥିତିରେ ସରକାରଙ୍କ କାର୍ଯ୍ୟକୁ ୫ବର୍ଷ ପର୍ଯ୍ୟନ୍ତ ଉପସ୍ଥାପନ କରିଥିଲେ। ବୈଠକରେ ଲୋକେ ଗାଁର ଅନେକ ସମସ୍ୟା ପିଇବା ପାଣି, ରାସ୍ତା, ସୋଲାର ଷ୍ଟ୍ରିଟ୍ ଲାଇଟ, କଲ୍ୟାଣ ମଣ୍ଡପ,ଯୁବକଙ୍କ ପାଇଁ କ୍ଲବ ଘର,ଡ୍ରେନ୍ ଆଦି ଉପରେ ଆଲୋଚନା କରିଥିଲେ। ୱାର୍ଡମେମ୍ବର ଏବଂ ଉପସ୍ଥିତ ଗ୍ରାମବାସୀଙ୍କ ସହମତିରେ କାର୍ଯ୍ୟକାରୀ କରିବାକୁ ଲିଖିତ ଭାବେ ଜଣାଇଥିଲେ।

## ତଦନ୍ତରେ ଶିଥିଳତା ଅଭିଯୋଗ କଲେ ସାମାଜିକକର୍ମୀ

କାଲିମେଲା, ୧୩।୨ (ଜୀବନ କୃଷ୍ଣ ଦାସ)

କାଲିମେଲା ବ୍ଲକ ଏମଭି ୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ୨ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ବିଲିଗୁଡା ଜଙ୍ଗଲରୁ ଜବତ ଘଟଣାକୁ ୭ଦିନ ବିତିଛି। ଗୁରୁବାର ବିଶିଷ୍ଟ ସମାଜିକକର୍ମୀ ଶରତ ଚନ୍ଦ୍ର ବୁରୁଦା ମୃତ ଦୁଇ ଛାତ୍ରୀଙ୍କ ପରିବାରକୁ ଭେଟିଛନ୍ତି। ତଦନ୍ତରେ ଶିଥିଳତା ଯୋଗୁ ଘଟଣାର ସତ୍ୟତା ସାମ୍ନାକୁ ଆସୁନାହିଁ। ବ୍ୟବଛେଦ ରିପୋର୍ଟ ଆସି ନ ଥିବା ବେଳେ ଘଟଣାରେ ପୋଲିସ କେବଳ ନାମକୁ ମାତ୍ର ନିଖୋଜ ଏବଂ ଅପମୃତ୍ୟୁ ମାମଲା ରୁଜୁକରି କାମ ସାରିଦେଇଛି। ପୋଲିସ ପ୍ରକୃତ ତଦନ୍ତ କଲେ ଏହାର ସତ୍ୟତା ସାମ୍ନାକୁ ଆସିପାରିବ ବୋଲି ବୁରୁଦା କହିଛନ୍ତି। ବିଦ୍ୟାଳୟକୁ ଯାଇ ସେଠାରେ ବିଭିନ୍ନ ବିଷୟରେ ବୁଝିଥିଲେ। ଏହା ଏକ ରହସ୍ୟମୟ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ବୁରୁଦା ଅନୁମାନ କରୁଛନ୍ତି। ଉଭୟ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ସମୟର ଫୋଟ ଦେଖିଲେ ଏହା ଆତ୍ମହତ୍ୟା ବୋଲି ମନେ ହେଉନାହିଁ। ଏପରିକି ସ୍ଥାନୀୟ ଅଞ୍ଚଳର କେତେକ ମହିଳା ଓ ପୁରୁଷ ଘଟଣାକୁ ହତ୍ୟାକାଣ୍ଡ ବୋଲି ତାଙ୍କ ଆଗରେ କହିଛନ୍ତି। ପଞ୍ଚନାମା ସମୟରେ ଉପସ୍ଥିତ ଲୋକେ ବୁରୁଦାଙ୍କୁ କହିଛନ୍ତି, ଛାତ୍ରୀ ଦ୍ୱୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଏପରିକି ତାଙ୍କ ହାତ, ମେରୁ ହାଡ, ଗୋଡ ଆଦି ଭାଙ୍ଗି ହାଡ ବାହାରକୁ ଦେଖା ଯାଉଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏବଂ ଲୋକଙ୍କ ନିକଟରୁ ଯାହା ସୂଚନା ମିଳୁଛି, ଦୁଇ ଛାତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ପ୍ରଥମେ ହତ୍ୟା କରାଯାଇଥିବା ବେଳେ ତାଙ୍କ ଶରୀର ମଧ୍ୟ ନଷ୍ଟ ହେବାକୁ ବସିଥିଲା। ସେହିପରି ଅନ୍ୟ ଜଣଙ୍କୁ ତୁରନ୍ତ ହତ୍ୟା କରିବ ପରେ ଉଭୟଙ୍କୁ ଗଛରେ ଝୁଲାଇ ଦିଆଯାଇଛି ବୋଲି ସେ ଅନୁମାନ କରୁଛନ୍ତି।

ବୁରୁଦା କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁଯାଇ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ବ୍ୟବଛେଦ ରିପୋର୍ଟ ଯେପରି ଶୀଘ୍ର ଆସିବ ସେନେଇ ଅନୁରୋଧ କରିଥିଲେ। ତାଙ୍କ ସହ ଆଦିବାସୀ ମହା ସମାଜ ସଭପତି ବନ୍ଧୁ ମୁଦୁଲି ଏବଂ ସ୍ଥାନୀୟ କୋୟା ସମାଜର କେତେକ ସଦସ୍ୟ ଓ ନେତୃବର୍ଗ ଉପସ୍ଥିତ ଥିଲେ। ଶୁକ୍ରବାର ଏନେଇ ପୁନଃ ଏକ ମାମଲା ରୁଜୁ କରିବୁ ଏବଂ ଏସ୍‌ପିଙ୍କ ଦ୍ୱାରସ୍ଥ ହେବୁ। ଏହାର ୪୮ ଘଣ୍ଟା ମଧ୍ୟରେ ପୋଲିସ ଘଟଣାକୁ ନେଇ ତଦନ୍ତ ଓ ଦୋଷୀଙ୍କୁ ଗିରଫ ନ କରେ ତେବେ ଆମେ ରାଜରାସ୍ତାକୁ ଓଲହାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି।

**ଦୁଇ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣାର ୭ଦିନ ବିତିଲା**


ପରିବାର ଲୋକଙ୍କ ସହ ଶରତ ଚନ୍ଦ୍ର ବୁରୁଦା ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

## 'ଜୀବନ ଓ ସମୟ ମଣିଷର ଶ୍ରେଷ୍ଠ ଗୁରୁ'

କୋରୁକୋଣ୍ଡା, ୧୩।୨ (ଶିବଦତ୍ତ ସାହୁ)

**ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ବାର୍ଷିକ ଉତ୍ସବ**

ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲଙ୍କ ନେତୃତ୍ୱରେ ଗୁରୁବାର ବିଦ୍ୟାଳୟର ୫୬ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ମୁଖ୍ୟବକ୍ତା ବାଲିମେଲା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ସମ୍ମାନିତ ଅତିଥି ଏନ୍‌ଏସି ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ଏମ୍‌ୟୁଜେ ମାଲକାନଗିରି ଜିଲା ସାମ୍ବାଦିକ ସଂଘ ସଭାପତି ଦେବପ୍ରସାଦ ଦାସ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କୋରୁକୋଣ୍ଡା ବ୍ଲକ୍ ସାମ୍ବାଦିକ ସଂଘ ସଭାପତି ଶିବଦତ୍ତ ସାହୁ, ବରିଷ୍ଠ ପତ୍ରକାର ସୁଭାଶିଷ କର, ସାମାଜିକ କର୍ମୀ ରାଜେନ୍ଦ୍ର କୁଳଦୀପ, ବରିଷ୍ଠ ନାଗରିକ ହରପ୍ରସାଦ ଖାଡେଙ୍ଗା, କାଉନସିଲର ଜ୍ୟୋତିରାଣୀ ପଣ୍ଡା, ପୁଷ୍ପାଞ୍ଜଳି ଚାଲାଣ, ସମାଜସେବିକା କମଳା ଢାଲି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

ଅତିଥିବୃନ୍ଦ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରିବା ସହ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପିଲାମାନେ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଏହା ପରେ ପ୍ରଧାନ ଶିକ୍ଷୟିତ୍ରୀ ହିଆଲ ବାର୍ଷିକ ବିବରଣୀ ପାଠ କରିଥିଲେ। 'ଜୀବନ ଓ ସମୟ ମଣିଷର ଶ୍ରେଷ୍ଠ ଗୁରୁ' ଜୀବନ ଆମକୁ ସମୟକୁ ଉପଯୋଗ କରିବା ଶିଖାଏ ଓ ସମୟ ଆମକୁ ଜୀବନର ମୂଲ୍ୟ ବୁଝାଏ ବୋଲି ସମ୍ମାନିତ ଅତିଥି ସାହୁ କହିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ନଗରପାଳ ନାୟକ କହିଥିଲେ, ଆଜିର ଶିଶୁ କାଲିର ନାଗରିକ ଓ ଦେଶର ଭବିଷ୍ୟତ । ଶିଶୁ ହସିଲେ ଦେଶ ଓ ଦୁନିଆ ହସିବ। ଭଲ ପାଠ ପଢିବା ସହ କ୍ରୀଡା,ନୃତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ତ ଛାତ୍ରୀ ଛାତ୍ର ନିଜକୁ ସାମିଲକରି କିପରି ସେ ସବୁ କ୍ଷେତ୍ରରେ ସଫଳତା ହାସଲ କରିବେ ସେନେଇ ସମସ୍ତେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟଠାରୁ ଆରମ୍ଭକରି ନିଜ ନାମକୁ ଜିଲା, ରାଜ୍ୟ ଓ ଦେଶ ବିଦେଶରେ କିପରି ରଖିବା ସେନେଇ ସମସ୍ତ ଛାତ୍ରୀଛାତ୍ର ଉଦ୍ୟମ ଆବଶ୍ୟକ ବୋଲି ସେ କହିଥିଲେ। ବିଦ୍ୟାଳୟ ପକ୍ଷରୁ ପୂର୍ବରୁ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବାର୍ଷିକ କ୍ରୀଡ଼ା, ଶିକ୍ଷା, ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ପିଲାମାନଙ୍କ ପକ୍ଷରୁ ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ଲୋକନୃତ୍ୟ, ଦେଶାତ୍ମ ବୋଧକ ଓ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୯୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

